## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂଆ ଜିଲାପାଳ

ଢେଙ୍କାନାଳ ଅଫିସ,୧୬।୮ - ଢେଙ୍କାନାଳ ଜିଲାର ୪୭ତମ ଜିଲାପାଳ ଭାବେ ସରୋଜ କୁମାର ସେଠୀ ସୋମବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କଠାରୁ ଦାୟିତ୍ୱ ନେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ଏଥିପୂର୍ବରୁ ସେ ଓଡ଼ିଶା ରାଜ୍ୟ ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଥିଲେ।



ଦାୟିତ୍ୱ ଗ୍ରହଣ ପରେ କପିଳାସ ପୀଠକୁ ଯାଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ଦର୍ଶନ କରିଥିଲେ। ପୂର୍ବତନ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ରାଜ୍ୟ ଆୟୁଷ ବିଭାଗ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ସେହିପରି ରବିବାର ମଧ୍ୟାହ୍ନରେ ପୂର୍ବତନ ଜିଲାପାଳଙ୍କୁ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଏସ୍‌ପି କେ. ଶିବା ସୁବ୍ରମଣି, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଆଇଏଏସ୍ ପ୍ରୋବେଶନ ବିଭୂତି ଭୂଷଣ ନାୟକ, ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଯୁବ କଂଗ୍ରେସର ବିକ୍ଷୋଭ

ଅନୁଗୋଳ ଅଫିସ,୧୬।୮ - ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ଅନୁଗୋଳ ଯୁବ କଂଗ୍ରେସ କମିଟି ତରଫରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ଆଶୁତୋଷ ଲେଙ୍କାଙ୍କ ଉପସ୍ଥିତିରେ ସଙ୍ଗଠନର ଜିଲା ସଭାପତି ଲୁଟୁ ରଞ୍ଜନ ଥାପାଙ୍କ ନେତୃତ୍ୱରେ ଏକ ସାଇକେଲ ରାଲି ସ୍ଥାନୀୟ କଂଗ୍ରେସ ଭବନଠାରୁ ବାହାରି ବଜାର ପରିକ୍ରମା କରି ରାଜ ହୋଟେଲ ଛକଠାରେ ପହଞ୍ଚିଥିଲା। ଏହାପରେ ସେଠାରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ କିଶୋର ସାହୁ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ସାହୁ, ପୂର୍ବତନ କାଉନସିଲର ବଳବୀର ସିଂହ, ନିରା କର, ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଅଭିଷେକ ନାୟକ, ସଂଗ୍ରାମ ବେହେରା, ଅଭିଷେକ ଜେନା ପ୍ରମୁଖ ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ବିଜେଡି ନେତା ମୃତ

ବଇଣ୍ଡା,୧୬।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଗ୍ରାମରେ ଶନିବାର ରାତିରେ ଏକ ବାଇକ୍‌ରୁ ଖସିପଡି ବିଜେଡି ନେତା ଚିତ୍ତରଞ୍ଜନ ଜେନାଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡିଛି, ଚିତ୍ତରଞ୍ଜନ ଏକ ବାଇକ୍ ଯୋଗେ ହଣ୍ଡପା ଛକରୁ ରାତିରେ ଘରକୁ ଯାଉଥିବାବେଳେ କୋଠଘରେ ପିଟି ହୋଇ ଖସି ପଡ଼ିଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ରବିବାର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ରାତିରେ ତାଙ୍କ ମରାଶରୀର ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଯୌତୁକ ସାମଗ୍ରୀ ଫେରସ୍ତକୁ ନେଇ ଗଣ୍ଡଗୋଳ

ଅନୁଗୋଳ ଅଫିସ, ୧୬।୮ - ତାଳଚେରସ୍ଥିତ ଏକ ଗେଷ୍ଟହାଉସଠାରେ ଯୌତୁକ ସାମଗ୍ରୀ ଫେରାଇବା ନେଇ ଆଲୋଚନା ଚାଲୁଥିବା ବେଳେ ଜ୍ୱାଇଁ ଆକ୍ରମଣରେ ଶ୍ୱଶୁର ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାଲୁଙ୍ଗା ଖମାର ଗାଁର ନରେଶ ନାହାକ କାମାକ୍ଷାନଗର ଅଞ୍ଚଳର ଲିଙ୍ଗରାଜ ପରିଡାଙ୍କ ଝିଅଙ୍କୁ ଦୁଇ ବର୍ଷ ତଳେ ବିବାହ କରିଥିଲେ। ତେବେ ମନୋମାଳିନ ଯୋଗୁ ବର୍ଷେ ହେଲା ନରେଶଙ୍କ ସ୍ତ୍ରୀ ବାପ ଘରକୁ ଚାଲି ଆସିଥିଲେ। ପରେ ଝିଅ ଘର ପକ୍ଷରୁ ଥାନାରେ ଅଭିଯୋଗ ସହ ସମସ୍ତ ଯୌତୁକ ସାମଗ୍ରୀ ଫେରାଇବାକୁ ପୁଅ ଘରକୁ କହିଥିଲେ। ଏ ନେଇ ଏକ ଗେଷ୍ଟ ହାଉସରେ ଆଲୋଚନା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଜ୍ୱାଇଁଙ୍କ ଛୁରା ମାଡ଼ରେ ଶ୍ୱଶୁରଙ୍କ ହାତରେ ଆଘାତ ଲାଗିଥିଲା। ତାଙ୍କୁ ମଣ୍ଡାପାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ଝିଅ ଘର ଲୋକ ତାଙ୍କୁ ଆକ୍ରମଣ କରିଥିବା ଜ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଉଭୟ ପକ୍ଷରୁ ତାଳଚେର କୋଲିୟାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ପ୍ରି–ବିଡିଂ ବୈଠକ ହୋଇନି

## ଦଲାଲଙ୍କ ନିୟନ୍ତ୍ରଣରେ ଟେଣ୍ଡର ପ୍ରକ୍ରିୟା ଘଟଣା

- ଏନ୍‌ଆର୍‌ଏଚ୍‌ଏମ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ
- ଟେଣ୍ଡର ବାତିଲ ପାଇଁ ବଢୁଛି ଚାପ
- ନୀରବଦ୍ରଷ୍ଟା ସାଜିଛି ସ୍ୱାସ୍ଥ୍ୟ ପ୍ରଶାସନ

ଅନୁଗୋଳ ଅଫିସ, ୧୬।୮



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ମାନବ ସମ୍ବଳ କାର୍ଯ୍ୟ ପାଇଁ କରାଯାଇଥିବା ପେପର ଟେଣ୍ଡରରେ କୌଣସି ଅନିୟମିତତା ହୋଇ ନ ଥିବା ସଫେଇ ଦିଆଯାଉଛି। ହେଲେ ଏକ ଠିକା ସଂସ୍ଥାକୁ ଏହି କାର୍ଯ୍ୟ ଦେବାକୁ ଚିକିତ୍ସାଳୟର କେତେଜଣ ଅଧିକାରୀ ଓ କର୍ମଚାରୀ କିପରି ଦଲାଲଙ୍କ ପ୍ରରୋଚନାରେ ଗୋଟିଏ ପରେ ଗୋଟିଏ ନିୟମର ଉଲ୍ଲଂଘନ କରିଛନ୍ତି ତାହାର ତଥ୍ୟ ପଦାକୁ ଆସିବାରେ ଲାଗିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଇ–ଟେଣ୍ଡର କରାଯାଇ ନ ଥିବାବେଳେ ପ୍ରି–ବିଡିଂ ବୈଠକ ମଧ୍ୟ ହୋଇନାହିଁ। ଫଳରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍)ର ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରାଯାଇଥିବା କେତେଜଣ ଆବେଦନକାରୀ ଅଭିଯୋଗ କରିଛନ୍ତି। ଅନ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରଙ୍କ ନିର୍ଦ୍ଦେଶ ପାଳନ ହେଉଥିବା ବେଳେ ଅନୁଗୋଳରେ ସ୍ୱାସ୍ଥ୍ୟ ପ୍ରଶାସନ କିପରି ନିୟମ ବଦଳାଇ ଦେଉଛି ବୋଲି ବୁଦ୍ଧିଜୀବୀ ଓ ରାଜନେତାମାନେ ପ୍ରଶ୍ନ କରିଛନ୍ତି।

ଅନୁଗୋଳ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନବ ସମ୍ବଳ ଯୋଗାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଚିଠି ନଂ. ୪୨୧/୨୮।୦୭।୨୧ରେ ପେପର ଟେଣ୍ଡର ଡକାଯାଇଥିଲା। ଅଗଷ୍ଟ ୧୯ ତାରିଖ ପୂର୍ବାହ୍ନରେ ଟେଣ୍ଡର ଖୋଲାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଟେଣ୍ଡର ଆହ୍ୱାନ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଣ୍ଡର କମିଟି ବୈଠକ ଡକାଯାଇଛି ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିଥିବା ମେଡିକାଲ ପ୍ରଶାସନ ପକ୍ଷରୁ କୁହାଯାଉଛି। କିନ୍ତୁ ପ୍ରକୃତରେ ଜୁଲାଇ ପୂର୍ବରୁ ଉକ୍ତ ଟେଣ୍ଡର କାର୍ଯ୍ୟ ସମାପନ ହେବା କଥା। କିନ୍ତୁ କାର୍ଯ୍ୟ ନେଇଥିବା ଏକ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇବା ଉଦ୍ଦେଶ୍ୟରେ ମାସେ ଅଧିକ ଗଡ଼ାଯିବା ସହ ପୁନର୍ବାର ସେହି ସଂସ୍ଥାକୁ ଏହି ମାନବ ସମ୍ବଳ କାର୍ଯ୍ୟ ଟେକି ଦେବା ପାଇଁ ପୂର୍ବରୁ ସମସ୍ତ ଯୋଜନା କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ଟେଣ୍ଡର ଆହ୍ୱାନର ସପ୍ତାହକ ମଧ୍ୟରେ ଏକ ପ୍ରି–ବିଡିଂ ବୈଠକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡକାଯିବା କଥା। ଏଥିରେ ଟେଣ୍ଡରରେ ଅଂଶଗ୍ରହଣ କରୁଥିବା ଠିକାଦାରମାନେ ଯୋଗଦେଇ ଟେଣ୍ଡର ପେପରରେ ଅନିୟମିତତା ବା ତ୍ରୁଟି ଥିଲେ ସଂଶୋଧନ ପାଇଁ ପରାମର୍ଶ ଦେଇପାରିବେ ବୋଲି ଏନ୍‌ଆର୍‌ଏଚ୍‌ଏମ୍ ଗାଇଡ୍ ଲାଇନ୍‌ରେ ରହିଛି। କିନ୍ତୁ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏହାକୁ ପାଳନ କରିନାହାନ୍ତି। ସେହିଭଳି ଟେଣ୍ଡରରେ ଟର୍ନ ଓଭରକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଷ୍ଟାଫ ନର୍ସଙ୍କ ପାଇଁ ଗୋଟିଏ ଓ ଅନ୍ୟମାନଙ୍କ ପାଇଁ ଆଉ ଏକ କାଟାଗୋରି କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ନିୟମ ଉଲ୍ଲଂଘନ କରୁଥିବା କେତେଜଣ ଆବେଦନକାରୀ ଅଭିଯୋଗ କରିଛନ୍ତି।

### ସାନି ଟେଣ୍ଡର କରାଯାଉ



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ଟେଣ୍ଡରରେ ସ୍ୱଚ୍ଛତା ନାହିଁ। ସରକାରଙ୍କ ନିର୍ଦ୍ଦେଶ ଓ ନିୟମକୁ ଏଠାରେ ଉଲ୍ଲଂଘନ କରାଯାଇଛି। ତେଣୁ ଏହାକୁ ବାତିଲ କରି ସାନି ଟେଣ୍ଡର କରାଯାଉ। ଗୋଟିଏ ଠିକା ସଂସ୍ଥାକୁ କାର୍ଯ୍ୟ ଦେବା ପାଇଁ ମେଡିକାଲ ପ୍ରଶାସନ ଏତେ ତତ୍ପର କାହିଁକି।

-ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା, ଅନୁଗୋଳ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ



ଇ-ଟେଣ୍ଡର କରାଯାଇ ନାହିଁ। ପ୍ରି-ବିଡିଂ ବୈଠକ ଡକାଯାଇ ନାହିଁ। ଏଥିରୁ ମେଡିକାଲ କର୍ତ୍ତୃପକ୍ଷ ଦଲାଲମାନଙ୍କ କଥାରେ ଏହି ଟେଣ୍ଡର ଡାକିଥିବା ଜଣାପଡୁଛି। ଏହି ଟେଣ୍ଡରରେ ଫିକ୍ସିଂ କରାଯାଇଥିବାରୁ ତୁରନ୍ତ ବାତିଲ ସହ ସାନି ଇ-ଟେଣ୍ଡର କରାଯାଉ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ।

-ବିପ୍ଳବ ଜେନା, ସଭାପତି, ଅନୁଗୋଳ ଜିଲା କଂଗ୍ରେସ କମିଟି

### ସ୍ୱଚ୍ଛତା ରହିବା ବାଞ୍ଛନୀୟ



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲା ଖଣିଜ ପ୍ରତିଷ୍ଠାନରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାରୁ ଏହାର ସୁବିନିଯୋଗ ସହ ସମସ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ବାଞ୍ଛନୀୟ। ଏଥିପାଇଁ ଜିଲା ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ। କୌଣସି ଅନିୟମିତତା ଆଦୌ ଗ୍ରହଣୀୟ ନୁହେଁ।

-ମାନସ ପାଳ, ସଚେତନ ନାଗରିକ, ଅନୁଗୋଳ

### ନବୀକରଣ ଷଡ଼ଯନ୍ତ୍ର ହୋଇଥିଲା



ଦଲାଲମାନଙ୍କ ପ୍ରରୋଚନାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ ଚାଲିଛି। ମାନବ ସମ୍ବଳ କାର୍ଯ୍ୟ ପାଇଁ ଟେଣ୍ଡର ନ ଡାକି ତାହାକୁ ନବୀକରଣ କରାଯିବାର ଷଡ଼ଯନ୍ତ୍ର କରାଯାଇଥିଲା। କିନ୍ତୁ ତାହା ହୋଇ ନ ପାରିବାରୁ ଇ-ଟେଣ୍ଡର ନ କରି ପେପର ଟେଣ୍ଡର ମାଧମରେ ଠିକା ସଂସ୍ଥାକୁ କାର୍ଯ୍ୟ ଦେବାକୁ ଯୋଜନା କରାଯାଇଥିଲା।

-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

# ଭିତ୍ତିପ୍ରସ୍ତର ଫଳକକୁ ନେଇ ରାଜନୀତି

## ବିଧାୟକ- ସରପଞ୍ଚଙ୍କ ମଧ୍ୟରେ ବିବାଦ

ଖମାର,୧୬।୮(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ଶଙ୍ଖପୁର ଗ୍ରାମରେ ଏକ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତରକୁ ନେଇ ରାଜନୀତି ଜୋର ଧରିଛି। ଫଳକରେ ନାଁ ନ ଥିବାରୁ ସ୍ଥାନୀୟ ସରପଞ୍ଚ ଖପ୍ପା ହୋଇଥିବାବେଳେ ତାଙ୍କ ସ୍ୱାମୀ ଫଳକକୁ ପଥରରେ ଛେଚି କ୍ଷତି ପହଞ୍ଚାଇଛନ୍ତି। ଏ ନେଇ ସ୍ଥାନୀୟ ବିଜେଡି କର୍ମୀ ଥାନାରେ ଏତଲା ଦେବା ପରେ ପୋଲିସ ସରପଞ୍ଚଙ୍କ ସ୍ୱାମୀଙ୍କୁ ଥାନାକୁ ଡାକି ଆଲୋଚନା ପରେ ଛାଡ଼ିଦେଇଛି। ତେବେ ବିବାଦ ମଧ୍ୟରେ ଫଳକ ଉଦ୍‌ଘାଟନ କାର୍ଯ୍ୟ ବିଧାୟକ ଶେଷ କରିଦେଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଗାରଡ଼ମୁଣ୍ଡା ଠାରେ ଝୁମ୍ପେଇ ନାଳ ଉପରେ ସେତୁ ନିର୍ମାଣ ଓ ଖମାର ଠାରୁ ଶଙ୍ଖପୁର ଭାୟା ପାଟବେଡା–ଗାରଡ଼ମୁଣ୍ଡା ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ସ୍ଥିର ହୋଇଥିଲା। ବିଧାୟକ ମୁକେଶ କୁମାର ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଫଳକରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ନାମ ନ ଥିଲା। ତେବେ ବିଧାୟକ ପହଞ୍ଚି ଉଦ୍‌ଘାଟନ କରିବା ପୂର୍ବରୁ ସେଠାରେ କେତେଜଣ ବିଜେଡି କର୍ମୀ ପୂଜାର୍ଚ୍ଚନା କରୁଥିବା ବେଳେ ସରପଞ୍ଚ ଓ ତାଙ୍କ ସ୍ୱାମୀ ପହଞ୍ଚି ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚଙ୍କୁ ଅଣଦେଖା ଉଚିତ ନୁହେଁ ବୋଲି କହିବା ସହ ସରପଞ୍ଚଙ୍କ ସ୍ୱାମୀ ଏକ ପଥରରେ ଫଳକଟିକୁ ଭାଙ୍ଗି ଦେଇଥିଲେ। ଘଟଣା ସମ୍ପର୍କରେ ସରପଞ୍ଚ କହିଛନ୍ତି, ପଞ୍ଚାୟତର ସମିତି ସଭ୍ୟଙ୍କୁ ଡକାଗଲା। କିନ୍ତୁ ମୋତେ ଆମନ୍ତ୍ରଣ କରାଗଲା ନାହିଁ। କାଳେ ବିଧାୟକଙ୍କ ଲୋକପ୍ରିୟତା ମଳିନ ପଡ଼ିଯିବ, ସେଥିପାଇଁ ମୋତେ ସେଠାକୁ ଡକାଗଲା ନାହିଁ। ବିଧାୟକ ପାଳ କହିଛନ୍ତି, ସରକାରୀ କାମରେ ଫଳକ ଭାଙ୍ଗିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପଞ୍ଚାୟତର ଉନ୍ନତିମୂଳକ କାମ ପାଇଁ ସରପଞ୍ଚ ପକେଟରୁ ଅର୍ଥ ଖର୍ଚ୍ଚ କରୁନାହାନ୍ତି। ଏହା ହୀନ ମାନସିକତାର ଲକ୍ଷଣ।



ଉଦ୍‌ଘାଟନ ହୋଇଥିବା ଫଳକ।

# ସୁନାମାଲ ଚୋରି, ଯୁବକ ଗିରଫ

କଣିହାଁ,୧୬।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁସୁବା ଗ୍ରାମରେ ସୁନାମାଲ ଚୋରି କରିବା ଅଭିଯୋଗରେ ସୋମବାର ସେହି ଗ୍ରାମର କୁମୁଦ ସାହୁ (୨୫)ଙ୍କୁ ପୋଲିସ ଗିରଫ କରିଛି। ଏଥିସହିତ ତାଙ୍କଠାରୁ ଚୋରି ସୁନା ମାଲ ଜବତ ହୋଇଛି। ପୋଲିସ କହିଛି, ରେଙ୍ଗାଳି ଥାନା ସୁସୁବା ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ସ୍ତ୍ରୀ ମଞ୍ଜୁଲତା ସାହୁ ପିନ୍ଧିଥିବା ସୁନାମାଲ ଚୋରି ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସନ୍ଦେହରେ ତାଙ୍କ ପଡୋଶୀ କୁମୁଦଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେ ସୁନା ମାଲ ନିଜେ ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି କୁମୁଦଙ୍କୁ କୋର୍ଟଚାଲାଣ କରିଥିବା ଆଇଆଇସି ଓନାମ ଲାକ୍ରା ପ୍ରକାଶ କରିଛନ୍ତି।

# ଉତ୍ପାଦନ କ୍ଷମତା ବଢ଼ାଇବ ଜେଏସ୍‌ପିଏଲ୍

ଅନୁଗୋଳ ଅଫିସ,୧୬।୮

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଅନୁଗୋଳ ଜିଲାସ୍ଥିତ କାରଖାନାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ଲାଣ୍ଟ ମୁଖ୍ୟ ହୃଦୟେଶ୍ୱର ଝା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସବ୍ୟସାଚୀ ବନ୍ଦୋପାଧ୍ୟାୟ ଏବଂ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଝା ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇଥିଲେ। ଜିନ୍ଦଲ ତାଙ୍କ ବାର୍ତ୍ତାରେ ଟୋକିଓ ଅଲିମ୍ପିକ୍ସ ପଦକଧାରୀଙ୍କୁ ଅଭିନନ୍ଦନ ଜଣାଇବା ସହ କରୋନା ମହାମାରୀ ସମୟରେ ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ଜୀବନ ବଞ୍ଚାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଅନୁଗୋଳ ଏବଂ ରାଇଗଡ ପ୍ଲାଣ୍ଟ କ୍ଷମତାକୁ ୨୦୩୦ ସୁଦ୍ଧା ୫୦ ମିଲିୟନ ଟନକୁ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଥିଲେ। ଅନୁଗୋଳ ୟୁନିଟ୍‌ର ପ୍ରତ୍ୟେକ କର୍ମଜୀବୀଙ୍କୁ ପ୍ରଶଂସା କରିଥିଲେ। ସେହିପରି ବଡମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ, ଅନୁଗୋଳସ୍ଥିତ ଓ.ପି. ଜିନ୍ଦଲ କମ୍ୟୁନିଟି କଲେଜ ଓ ଭୁବନେଶ୍ୱର ଅଫିସ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରଠାରେ ଗ୍ରୁପ ମୁଖ୍ୟ ସିଏସ୍‌ଆର୍ ପ୍ରଶାନ୍ତ କୁମାର ହୋତା ପତାକା ଉତ୍ତୋଳନ କରିବା ସହ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇଥିଲେ।



ଜେଏସ୍‌ପିଏଲ୍‌ର ଅନୁଗୋଳ ପ୍ଲାଣ୍ଟରେ ପତାକା ଉତ୍ତୋଳନ କରାଯାଉଛି।

# ୨ ଦିନରେ ୫୮ ପଜିଟିଭ୍, ୭ ମୃତ

ଅନୁଗୋଳ ଅଫିସ, ୧୬।୮

ଅନୁଗୋଳ ଜିଲାରେ ଗତ ୨ ଦିନରେ ୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୩ ହଜାର ୭୪୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୦ ଜଣ, ଛେଣ୍ଡିପଦା ବ୍ଲକରୁ ୮, ଅନୁଗୋଳ ପୌରାଞ୍ଚଳରୁ ୮, କିଶୋରନଗର ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୯, ଆଠମଲ୍ଲିକ ବ୍ଲକରୁ ୩, ବଣ୍ଡାରପାଳ ବ୍ଲକରୁ ୬, ପାଲଲହଡ଼ା ବ୍ଲକରୁ ୪ ଓ ତାଳଚେର ବ୍ଲକରୁ ୩ ରହିଛନ୍ତି। ସେହିପରି ଦୁଇଦିନରେ ଜିଲାରୁ ୧୩୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ପୁଣି ୭ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୨୯୬ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଶହୀଦ ଦେବାଶିଷ ସେଠୀଙ୍କ ପରିବାରକୁ ସମ୍ବର୍ଦ୍ଧନା

## ମିଳିଲା ୧୦ ଡିସିମିଲ ଜାଗା

ଅନୁଗୋଳ ଅଫିସ,୧୬।୮

ମରଣୋତ୍ତର ଶୌର୍ଯ୍ୟ ଚକ୍ର ସମ୍ମାନ ପାଇଥିବା ଅନୁଗୋଳ ଜିଲାର ଶହୀଦ ଦେବାଶିଷ ସେଠୀଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କିଶୋରନଗର ବ୍ଲକ ଅଙ୍ଗପଡା ଗାଁର ସନାତନ ସେଠୀ ଓ ଛାଇ ସେଠୀଙ୍କ ବଡ଼ ପୁଅ ଦେବାଶିଷ ୬ ବର୍ଷ ହେଲା ଏସ୍‌ଓଜି ଯବାନ ଭାବେ କାମ କରୁଥିଲେ। ୨୦୨୦ ସେପ୍ଟେମ୍ବର ୯ରେ କଳାହାଣ୍ଡି ଜିଲା ସିରକି ଜଙ୍ଗଲରେ ମାଓବାଦୀଙ୍କ ସହ ମୁହାଁମୁହିଁ ବେଳେ ୫ ମାଓବାଦୀଙ୍କୁ ମାରିବା ସହ ଶହୀଦ ହୋଇଥିଲେ। ରୋଜଗାରିଆ ପୁଅକୁ ହରାଇ ମାତାପିତା ମନଦୁଃଖ କରୁଥିଲେ ମଧ୍ୟ ଦେଶ ପାଇଁ ଜୀବନ ଦେଇଥିବା ଓ ଶୌର୍ଯ୍ୟ ଚକ୍ର ସମ୍ମାନ ମିଳିଥିବାରୁ ତାଙ୍କ ସହ ଗ୍ରାମବାସୀ ଗର୍ବ ଅନୁଭବ କରୁଥିବା ମାତାପିତା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଦେବାଶିଷଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୧୦ ଡିସିମିଲ ଜାଗାର ପଟ୍ଟା ପ୍ରଦାନ କରାଯାଇଛି। ଶହୀଦ ଦେବାଶିଷଙ୍କୁ ମରଣୋତ୍ତର ଭାବେ ଶୌର୍ଯ୍ୟ ଚକ୍ର ମିଳିବା ଓଡ଼ିଶାବାସୀ ତଥା ଓଡ଼ିଶା ପୋଲିସ ପାଇଁ ଗର୍ବର କଥା ବୋଲି ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ପ୍ରକାଶ କରିଛନ୍ତି। ଦେବାଶିଷ ଯେଉଁଭଳି ପରିସ୍ଥିତିରେ ଦୁର୍ଗମ ଅଞ୍ଚଳରେ ପଶି ମାଓବାଦୀଙ୍କ ଦମନ କରିଥିଲେ ତାହା ବେଶ୍ ପ୍ରଶଂସନୀୟ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।



ଶହୀଦ ଦେବାଶିଷ ସେଠୀଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଶ୍ରମିକମାନଙ୍କୁ ଏମ୍‌ସିଏଲ୍‌ର ପ୍ରଶଂସା

ତାଳଚେର,୧୬।୮(ନି.ପ୍ର.)

ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍)ପକ୍ଷରୁ ୭୫ ତମ ସ୍ୱାଧୀନତା ଦିବସ ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଆନନ୍ଦ ବିହାର ଗ୍ରାଉଣ୍ଡରେ ପାଳିତ ହୋଇଯାଇଛି। ଡାଇରେକ୍ଟର ଟେକ୍ନିକାଲ ଓ.ପି. ସିଂହ ପତାକା ଉତ୍ତୋଳନ କରିଥିଲେ। ପରେ ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନାଙ୍କ ବାର୍ତ୍ତା ପାଠ କରିଥିଲେ। ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଅନ୍ୟ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଭାବେ ପର୍ଯ୍ୟାପ୍ତ ପରିମାଣର କୋଇଲା ଯୋଗାଣ ସମ୍ଭବ ହୋଇଥିବାରୁ ଖଣି ଶ୍ରମିକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଲିମ୍ପିକ୍ସ ପଦକ ବିଜେତାମାନଙ୍କୁ ସିହ୍ନା ଅଭିନନ୍ଦନ ଜଣାଇଥିଲେ। ସୁନ୍ଦରଗଡର ୪ ଖେଳାଳିଙ୍କ ପାଇଁ ଆମେ ଗର୍ବିତ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର ଫାଇନାନ୍ସ କେ.ଆର. ବାସୁଦେବନ, ଡାଇରେକ୍ଟର ପର୍ସନାଲ କେଶବ ରାଓ, ଡାଇରେକ୍ଟର ଟେକ୍ନିକାଲ ବାମନ ସିଂହ, ଚିଫ୍ ଭିଜିଲାନ୍ସ ଅଫିସର ପି.କେ. ପଟେଲ, ବରିଷ୍ଠ ପଦାଧିକାରୀଗଣ, ଜାଗୃତି ମହିଳା ମଣ୍ଡଳ ପଦ୍ମଜା ସିଂହ, ପଦ୍ମିନୀ ବାସୁଦେବନ, ସୋନା ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଡାଇରେକ୍ଟର ପର୍ସୋନେଲ କେଶବ ରାଓ ମୁଖ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ସେହିପରି ଏମ୍‌ସିଏଲ୍‌ର ସମସ୍ତ ଏରିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।




ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରୁଛନ୍ତି।

# ଅନୁଗୋଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ,୧୬।୮

ଅନୁଗୋଳ ଜିଲାସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅନୁଗୋଳ ମାଟିର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରାୟ ଦୁଇ ଦଶନ୍ଧି ଧରି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିରନ୍ତର ଭାବେ କାର୍ଯ୍ୟ କରାଯାଉଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ଓ କରୋନା ଯୋଦ୍ଧାମାନଙ୍କୁ ସମ୍ମାନିତ କରାଯାଇଥିଲା। ହୋମଗାର୍ଡ, ଜିଲା ପୋଲିସ ଓ ବ୍ୟାଣ୍ଡ ପାର୍ଟି ପକ୍ଷରୁ ପରେଡ୍ କରାଯାଇଥିଲା। ସକାଳେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୂନ ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ (ତାଳଚେର) ରଜନୀ କାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦଃଖବନ୍ଧୁ ମାଝି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଆଠମଲ୍ଲିକ ମିନିଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଲଳିତମୋହନ ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ନିରୋଦ କୁମାର ଦାସ, ତହସିଲଦାର ଡା.ସ୍ୱରୂପାନନ୍ଦ ସାହୁ, ବିଡିଓ ସନ୍ତୋଷ କୁମାର ସାହୁ, ସହକାରୀ ଜିଲାପାଳ ଲମ୍ବୋଦର ମାର୍ଣ୍ଡି, ଏସ୍‌ଡିଏମ୍‌ଓ ସୁନୀଲ କୁମାର ପଣ୍ଡା, ବୁଦ୍ଧିଜୀବୀ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ଉପ କାରାଗାର ଓ ଚିକିତ୍ସାଳୟରେ ମୁଖ୍ୟ ଅତିଥି ଫଳ ବଣ୍ଟନ କରିଥିଲେ। ସେହିପରି ତାଳଚେରଠାରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ୧୦ଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲଦାର ମନ୍ମଥ ନାୟକ, ସହକାରୀ ଜିଲାପାଳ ମିନର୍ଭା ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅନୁଗୋଳ ଷ୍ଟାଡିୟମଠାରେ ପରେଡ୍ ପ୍ରଦର୍ଶନ।

## ସଂକ୍ଷେପରେ

### ୧୮ ଆକ୍ରାନ୍ତ, ଜଣେ ମୃତ

ଢେଙ୍କାନାଳ ଅଫିସ,୧୬।୮ - ଢେଙ୍କାନାଳ ଜିଲାରୁ ରବିବାର ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ହିନ୍ଦୋଳ ବ୍ଲକରୁ ୬, ଓଡାପଡାରୁ ୩, ଗଁଦିଆରୁ ୨, ସଦର ବ୍ଲକରୁ ୨, ଢେଙ୍କାନାଳ ପୌରାଞ୍ଚଳରୁ ୨, କଙ୍କଡାହାଡରୁ ୧, କାମାକ୍ଷାନଗରରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ୧ ଚିହ୍ନଟ ହୋଇଛନ୍ତି। ଦିନକରେ ୧୦୪୧ ଜଣଙ୍କ ଟେଷ୍ଟିଂ କରାଯାଇଥିଲା। ଏହାକୁ ମିଶାଇ ମୋଟ୍ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୫ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୯ ହଜାର ୩୦୩ ହୋଇଥିବାବେଳେ ୧୮ ହଜାର ୯୮୩ ଜଣ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ଜିଲାରେ ୧୭୯ ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେହିପରି ଦିନକରେ ୧୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ଓ ଜଣଙ୍କର ମୃତ୍ୟୁ ହୋଇଛି। ଫଳରେ ଜିଲାରେ ମୋଟ୍ ମୃତ୍ୟୁ ସଂଖ୍ୟା ୧୪୧ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ନାଳ ନିକଟରେ ପଡିଛି ମୃତଦେହ

ଢେଙ୍କାନାଳ ଅଫିସ,୧୬।୮ - ଢେଙ୍କାନାଳ ସହରସ୍ଥିତ ୫୫ନଂ ଜାତୀୟ ରାଜପଥର ବଡଯୋରା ନାଳ ନିକଟରେ ସୋମବାର ସକାଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ନିକଟରେ ଏ ସମ୍ପର୍କରେ ଖବର ନ ଥିଲା। ଟାଉନ ଥାନା ପୋଲିସ ଘଟଣା ସମ୍ପର୍କରେ ଜାଣି ନ ଥିବାବେଳେ ସଦର ଥାନା ପୋଲିସ ସନ୍ଧ୍ୟାରେ କୌଣସି ସୂତ୍ରରୁ ଜାଣି ମୃତଦେହ ପଡିଥିବା ସ୍ଥାନ ତାଙ୍କ ସୀମାରେ ଯାଉନାହିଁ ବୋଲି କହି ନୀରବ ରହିଥିଲେ। ଫଳରେ ମୃତଦେହ ଘଟଣାସ୍ଥଳରେ ପଡିରହିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ନମିତା ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ ସେହିପରି ସଦର ଥାନା ଅଧିକାରୀ ଅଭିନବ ଡାଲୁଆ କହିଛନ୍ତି, ମୃତଦେହ ପଡିଥିବା ଅଞ୍ଚଳ ସଦର ଥାନା ଅଧୀନରେ ଯାଉନାହିଁ।

### ନୀଳକଣ୍ଠେଶ୍ୱର ମନ୍ଦିରରେ ନାଗସାପ



ଢେଙ୍କାନାଳ ଅଫିସ,୧୬।୮ - ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଡିବିଲି ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିରରେ ରବିବାର ରାତିରେ ମହାଦେବଙ୍କ ଉପରେ ଏକ ନାଗସାପ ଦେଖିବାକୁ ମିଳିଥିଲା। ସବୁଦିନ ପରି ରବିବାର ସନ୍ଧ୍ୟାରେ ପୂଜକ ରବି ନାରାୟଣ ଦାଶ ସନ୍ଧ୍ୟା ଆଳତୀ ପାଇଁ କବାଟ ଖୋଲିବା ବେଳକୁ ଶିବଲିଙ୍ଗ ଉପରେ ୫ ଫୁଟର ଏକ ନାଗସାପ ଗୁଡେଇ ହୋଇ ରହିଥିବା ଦେଖାଯାଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଆଖପାଖ ଗ୍ରାମରୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସୋମବାର ସକାଳେ ସାପଟିକୁ ଦେଖିବାକୁ ମିଳି ନ ଥିଲା। ପୀଠକୁ ସରକାରୀ ସହାୟତା ମିଳିଲେ ଏହାକୁ ପର୍ଯ୍ୟଟନସ୍ଥଳରେ ପରିଣତ ହୋଇପାରନ୍ତା ବୋଲି ପରିଚାଳନା କମିଟି ସଭାପତି ଛାୟାକାନ୍ତ ନାୟକ କହିଛନ୍ତି।

### ବାଇକ୍‌ରୁ ପଡ଼ି ମହିଳା ଗୁରୁତର

ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଲିପଙ୍ଗା ପଞ୍ଚାୟତ କିସିଣ୍ଡା ଗ୍ରାମଠାରେ ସୋମବାର ବାଇକରୁ ପଡ଼ି କିଶୋରନଗର ବ୍ଲକ ଅଁଳାବେଣୀ ଗ୍ରାମର ବିପିନ ସାମଲଙ୍କ ସ୍ତ୍ରୀ ଜାନକୀ ବାରିକ ଏବଂ ତାଙ୍କ ୭ ମାସର ଝିଅ ଗୁରୁତର ହୋଇଛନ୍ତି। ଘଟଣାର ପ୍ରକାଶ, ଜାନକୀ ତାଙ୍କର ୭ମାସର ଝିଅ ସୁନୀତାଙ୍କୁ ନେଇ ଦିଅର ଚୁଆଁଙ୍କ ସହ ବାଲିପଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ଅପରାହ୍ନରେ ଫେରୁଥିବା ବେଳେ କିସିଣ୍ଡା ଗ୍ରାମରେ ଥିବା ହମ୍ପସରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲେ। ଫଳରେ ଜାନକୀ ଓ ତାଙ୍କ ଝିଅ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କୁ ସେଠାରୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ୨ ଡିଲର ନିଲମ୍ବିତ

ଆଠମଲ୍ଲିକ,୧୬।୮(ଡି.ଏନ.ଏ.)- ଅନିୟମିତତା ଅଭିଯୋଗରେ ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରା ସୋମବାର ୨ ଜଣ ଡିଲରଙ୍କୁ ନିଲମ୍ବିତ କରିଛନ୍ତି। ଏହି ଦୁଇ ଜଣ ହେଲେ ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଡିଲର ଦୟାନିଧି ସାହୁ ଓ ପାଇକସାହିର ମା' ସାରଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଏମାନଙ୍କ ବିରୋଧରେ ଠିକ୍ ସମୟରେ ଡିଲର ପଏଣ୍ଟ ନ ଖୋଲିବା, ସାଇନ ବୋର୍ଡ ନ ମାରିବା, ଖାତାପତ୍ର ନିୟମିତ ନ କରିବା ଆଦି ଅଭିଯୋଗ ହୋଇଥିଲା।

# ୫-ଟି ନୀତିକୁ ପ୍ରାଧାନ୍ୟ ଦିଅ



କୋଭିଡ୍ ପରିଚାଳନା ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**କୋଭିଡ୍ ପରିଚାଳନା ସମୀକ୍ଷା**

ଢେଙ୍କାନାଳ ଅଫିସ,୧୬।୮

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ସୋମବାର ନୂଆ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୫-ଟି ନୀତିକୁ ପ୍ରାଧାନ୍ୟ ଦେଇ ସମସ୍ତ କାର୍ଯ୍ୟ କରିବା ସହିତ ଲୋକମାନଙ୍କ ଅଭିଯୋଗର ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଲୋକମାନଙ୍କ ଜୀବନ ଜୀବିକାକୁ ପ୍ରାଧାନ୍ୟ ଦେବା ସହିତ କରୋନା ସଂକ୍ରମଣ ଯେପରି ସମ୍ପୂର୍ଣ୍ଣ ହ୍ରାସ ପାଇବ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ କହିଥିଲେ। ୧୫ଦିନ ମଧ୍ୟରେ ନିୟମିତ ଭାବେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି କରୋନା ସଂକ୍ରମଣ ସମ୍ପର୍କରେ ଲୋକମାନଙ୍କୁ ସତର୍କ କରାଇବାକୁ ସେ ପରାମର୍ଶ ଦେଇଥିଲା। ଯାଞ୍ଚ ପ୍ରକ୍ରିୟାକୁ ନିୟମିତ ଜାରି ରଖିବାକୁ ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କରୋନା ସଂକ୍ରମଣ ସଂଖ୍ୟା ଶୂନ ନ ହେବା ପର୍ଯ୍ୟନ୍ତ ସାପ୍ତାହିକ ହାଟ, ଜନଗହଳିପୂର୍ଣ୍ଣ ସ୍ଥାନ ଆଦିରେ କୋଭିଡ ନିୟମ କଡ଼ାକଡ଼ି ପାଳନ ଓ ଅବହେଳାସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ଢେଙ୍କାନାଳ ଉପଜିଲାପାଳ ରବି ନାରାୟଣ ତ୍ରିପାଠୀ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ଆପାତକାଳୀନ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଓ ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥି ଥିଲେ।

## ଆଜିଠୁ କଳାବ୍ୟାଜ ପରିଧାନ

କଣିହାଁ,୧୬।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚ୍‌ପିସିର ରେଙ୍ଗାଳି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିଅନ୍ ବିଭିନ୍ନ ଦାବି ନେଇ ମଙ୍ଗଳବାରଠାରୁ କଳାବ୍ୟାଜ୍ ପରିଧାନ କରି ବିରୋଧ ପ୍ରଦର୍ଶନ କରିବ। ଏ ନେଇ ୟୁନିଅନ୍ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ବସିଥିଲା। ବସନ୍ତ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଓଏସ୍‌ଇବିର ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିଲେ। ବୈଠକରେ ଠିକାଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ୫୦% ୱେଜ ବୋର୍ଡ ବକେୟା ପ୍ରଦାନ, ଠିକ୍ ସମୟରେ କର୍ମଚାରୀଙ୍କୁ ପଦୋନ୍ନତି ନେଇ ସଂଘ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କର୍ମଚାରୀମାନେ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ବିରୋଧ ପ୍ରଦର୍ଶନ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ବିରେଶ ଚନ୍ଦ୍ର ପତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ପଣ୍ଡା, ଧ୍ରୁବଚରଣ ମହାଲିକ, କୃଷ୍ଣ ଚନ୍ଦ୍ରସାହୁ, ତରଣୀ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇକେଲ ମାରାଥନରେ ୫୫ ଜଣ ସାମିଲ

ଭୁବନ,୧୬।୮(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓଡ଼ିଶ ଗ୍ରାମର ଯୁବ କଳିଙ୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ସ୍ୱାଧୀନତା ଦିବସ ଅବସରରେ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଏବଂ ଯାଜପୁର ଜିଲାର ୫୫ଜଣ ଯୁବକ ସାମିଲ ହୋଇଥିଲେ। ଏହା ବଡକାଠିଆଠାରୁ ନୀଳକଣ୍ଠପୁର ବାଜି ରାଉତ ସ୍ମୃତିସ୍ତମ୍ଭ ପର୍ଯ୍ୟନ୍ତ ଆସିଥିଲା। ମାନବାଧିକାର କର୍ମୀ ସସ୍ମିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସାମାଜିକ କର୍ମୀ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ବାପି ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପରେ କାଳୀବଜାରଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ବାଜି ରାଉତ କଲେଜ ଅଧ୍ୟକ୍ଷ ଡ. କିଶୋରଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ ମୁଖ୍ୟବକ୍ତା, ଜିଲା ପରିଷଦର ପୂର୍ବତନ ସଭ୍ୟ ସଞ୍ଜୟ ଦାସ, ସାମାଜିକ କର୍ମୀ ବିନ ପଟ୍ଟନାୟକ ଓ ନୃସିଂହ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଦିବ୍ୟ ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେଷ୍ଠ ଶିକ୍ଷାବିତ ଭାବେ ବାଜି ରାଉତ କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କର୍ମକର୍ତ୍ତା ପ୍ରୀତିଶ ପଟ୍ଟନାୟକ, ନିମାଁଇ ଚରଣ ଜେନା, ତରୁଣ ମହାନ୍ତି, ଉତ୍ତମ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।



ବାଜି ରାଉତ କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ଲକ ସମ୍ମୁଖରେ ଅନଶନ



ଅନଶନରେ ବସିଥିବା ରାଷ୍ଟ୍ର କ୍ରାନ୍ତିକାରୀ ସଙ୍ଗଠନର ସଦସ୍ୟ ଓ ଅନ୍ୟମାନେ।

ପରଜଙ୍ଗ,୧୬।୮(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ଭେଜିଆଠାରେ ଥିବା ରାଷ୍ଟ୍ର କ୍ରାନ୍ତିକାରୀ ସଙ୍ଗଠନର ସଦସ୍ୟ ଏବଂ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଅନେକ ଯୋଗ୍ୟ ହିତାଧିକାରୀ ରବିବାର ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅନଶନକାରୀଙ୍କ କହିବା କଥା, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ କରି ଅଯୋଗ୍ୟଙ୍କୁ ଘର ଦିଆଯାଇଛି। ଏହାର ପ୍ରତିବାଦରେ ଆମରଣ ଅନଶନ ଦିଆଯାଇଥିଲା। ସଙ୍ଗଠନ ଶାଖା ସଂସ୍ଥାପକ ସୁଦର୍ଶନ ସିଂଙ୍କ ନେତୃତ୍ୱରେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଧାରଣାରେ ସାମିଲ ହୋଇଥିଲେ। ବିଡିଓ ବିନୋଦ ବିହାରୀ ବେହେରା ଉପଯୁକ୍ତ ତଦନ୍ତ କରି ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଜଙ୍ଗଲରୁ ମୃତଦେହ ଜବତ

ପାଲଲହଡ଼ା,୧୬।୮(ଡି.ଏନ.ଏ.)

ପାଲଲହଡ଼ା ଥାନା କମ୍ପରକେଳା ଗ୍ରାମ ନିକଟ ରାସ୍ତାକଡରେ ଥିବା ଏକ ଜଙ୍ଗଲ ପାର୍ଶ୍ୱରୁ ସୋମବାର ପାଲଲହଡ଼ା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ତିମି ଗ୍ରାମର ଦେଶ ପ୍ରଧାନଙ୍କ ପୁଅ ମିଲୁ ପ୍ରଧାନ। ସୂଚନା ଅନୁସାରେ, କମ୍ପରକେଳା ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଏକ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ମୃତଦେହ ଚିହ୍ନଟ କରି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେବା ସହିତ ପାଲଲହଡ଼ା ଥାନାକୁ ଜଣାଇଥିଲେ। ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମିଲୁ ସୋମବାର ସକାଳୁ ନିଜ କାମରେ ଘରୁ ବାହାରକୁ ଯାଇଥିଲେ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଥାନାଧିକାରୀ କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

# ସଂସ୍କୃତି ଓ ପର୍ଯ୍ୟଟନ ପାଇଁ ଢେଙ୍କାନାଳ ଗର୍ବିତ

ଢେଙ୍କାନାଳ ଅଫିସ,୧୬।୮

ଢେଙ୍କାନାଳ ଜିଲା ସଦର ମହକୁମା ଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, କଳା, ସଂସ୍କୃତି ଓ ପର୍ଯ୍ୟଟନ ପାଇଁ ଢେଙ୍କାନାଳ ବିଶ୍ୱରେ ଗର୍ବିତ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସଫଳ ରୂପାୟନ ଜିଲାରେ ହୋଇପାରିଛି। ଏହି ଅବସରରେ କରୋନା ଯୋଦ୍ଧାଙ୍କ ସମେତ କୃତୀ ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଢେଙ୍କାନାଳ ପୋଲିସ ବାହିନୀ, ଓଏସ୍‌ଏପି ପ୍ରଥମ ବାଟାଲିୟନ ଓ ବ୍ୟାଣ୍ଡ୍ ଦଳ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଏସ୍‌ପି କେ. ଶିବା ସୁବ୍ରମଣି ଉପସ୍ଥିତ ଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଚାମ୍ବରଅଫ୍ କମର୍ସ ଜିଲା ଚିକିତ୍ସାଳୟରେ ଫଳ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ କାରାଗାରରେ, ଲାୟନ୍ସ କ୍ଲବ, ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ଅନ୍ଧମୂକବଧିର ବିଦ୍ୟାଳୟ, ରାପିଡ ରେସପନ୍ସ ଓ ବିଶ୍ୱ ଚେତନା ଅନୁଷ୍ଠାନ ପକ୍ଷରୁ ଆଦୃତା ଶିଶୁ ଗୃହ ଓ ଗୋବିନ୍ଦପୁର ଜରାଶ୍ରମ ଅନ୍ତେବାସୀ, ଇନରହ୍ୱିଲ କ୍ଲବ ମହିଳା ଶାଖା ପକ୍ଷରୁ ବିଶ୍ୱ କୁନ୍ତଳ ଶିଶୁଗୃହ, ଜୀବନଜ୍ୟୋତି ପକ୍ଷରୁ ଭିନ୍ନକ୍ଷମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବନବିଭାଗ ପକ୍ଷରୁ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା।



ବରଜଙ୍ଗ କ୍ଲବକୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଉଛି।

# ଶ୍ରାବ୍ୟ ପୁସ୍ତକ ଉନ୍ମୋଚିତ

ଢେଙ୍କାନାଳ ଅଫିସ,୧୬।୮

ପ୍ରସିଦ୍ଧ ଲେଖକ ମନୋଜ ଦାସଙ୍କ 'ବ୍ୟକ୍ତିତ୍ୱ ବିକାଶ ମାର୍ଗ: କିଞ୍ଚିତ ଦିଗ୍‌ଦର୍ଶନ' ପୁସ୍ତକର ଶ୍ରାବ୍ୟ ସଂସ୍କରଣ ଉନ୍ମୋଚିତ ହୋଇଛି । ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ଏହି ଶ୍ରାବ୍ୟ ପୁସ୍ତକକୁ ସଂସ୍ଥାନର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଉନ୍ମୋଚନ କରିଛନ୍ତି। ଶ୍ରାବ୍ୟ ସଂସ୍କରଣଟି ଦୃଷ୍ଟିବାଧିତ, ଲିପିବାଧିତ ଓ ସମୟବାଧିତ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଏହାକୁ ସଂକଳନ କରିଛନ୍ତି ସମୀର ରଞ୍ଜନ ଦାସ। ଏକାଡେମିକ ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନ କଣ୍ଠଦାନ କରିଛନ୍ତି। ସମ୍ପାଦନା କରିଛନ୍ତି ବଦ୍ରିନଥ ଜେନା। ଏହି ପୁସ୍ତକଟି ଆଇଆଇଏମ୍‌ସି ପାଠାଗାରରେ ସଂରକ୍ଷିତ ରହିବ।



ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ଶ୍ରାବ୍ୟ ପୁସ୍ତକ ଉନ୍ମୋଚନ କରାଯାଉଛି।

## ପତାକା ଉତ୍ତୋଳନ ବେଳେ ଗଣ୍ଡଗୋଳ

ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ବେଳେ ସରପଞ୍ଚ ଲକ୍ଷ୍ମୀ ବେହେରାଙ୍କୁ ରଣଜିତ ପେଣ୍ଡୋଇ ଓ ବାନାମ୍ବର ପେଣ୍ଡୋଇ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ପହଞ୍ଚି ବୁଝାଶୁଝା କରିବା ପରେ ପତାକା ଉତ୍ତୋଳନ ହୋଇଥିଲା। ଏ ନେଇ ସରପଞ୍ଚ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଉମେଶ ସଭାପତି, ମନୋଜ ସାଧାରଣ ସମ୍ପାଦକ

ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜଗନ୍ନାଥ ବସ୍ ମାଲିକ ସଂଘ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଆଇନ ପରାମର୍ଶଦାତା ଭାବେ ଲମ୍ବୋଦର ପ୍ରଧାନ ଓ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସଭାପତି ଭାବେ ଉମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ମନୋଜ କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ବୁଦ୍ଧଦେବ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଧବ ଚନ୍ଦ୍ର ସାହୁ, ବାବୁଲୀ ଆଚାର୍ଯ୍ୟ, ମହେଶ୍ୱର ବେହେରା, ବିଜୟ ବେହେରା, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ଆଇନଜୀବୀ ବସନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ବସ୍ ମାଲିକ ସଂଘର ନୂଆ କର୍ମକର୍ତ୍ତା

# ସମ୍ବାରୀଙ୍କୁ ସମ୍ବର୍ଦ୍ଧିତ କଲେ ଦୁର୍ଗାବାହିନୀ

ଢେଙ୍କାନାଳ ଅଫିସ,୧୬।୮

ମାଓବାଦୀ ଶିବିର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରି ସାଧାରଣ ଜୀବନ ବିତାଉଥିବା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ଅଞ୍ଚଳର ସମ୍ବାରୀ ତିରିଆଙ୍କୁ ଜିଲା ଦୁର୍ଗାବାହିନୀ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଢେଙ୍କାନାଳ ଦୁର୍ଗାବାହିନୀର ଅଧ୍ୟକ୍ଷା ସୁରେଶ୍ୱରୀ ଜେନାଙ୍କ ସମେତ ସଦସ୍ୟା ଅନନ୍ୟା ଦାସ ଓ ସୌମ୍ୟା ମିଶ୍ର ପ୍ରମୁଖ ସମ୍ବାରୀଙ୍କ ଗ୍ରାମରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କୁ ନିଜ ଅନୁଷ୍ଠାନରେ ସାମିଲ କରିଥିଲେ। ଅନୁଷ୍ଠାନର ପକ୍ଷରୁ ତାଙ୍କର ଦୁଇ ପିଲାଙ୍କୁ ପାଠ୍ୟ ଉପକରଣ ମଧ୍ୟ ପ୍ରଦାନ କରାଯାଇଥିଲା। ସମ୍ବାରୀଙ୍କ ଭଳି ଜଣେ ସାଧାରଣ ନାରୀଙ୍କ ସାଧନା ଓ କର୍ମ ତାଙ୍କୁ ଆଗକୁ ନେବାରେ ସହାୟକ ହେବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ନିଜ ପରିବାରକୁ ତ୍ୟାଗକରି ମାତ୍ର ୧୬ ବର୍ଷ ବୟସରେ ସମ୍ବାରୀ ମାଓ କ୍ୟାମ୍ପରେ ଯୋଗଦେଇ ବହୁବର୍ଷ ମାଓବାଦୀ ଜୀବନ ଅତିବାହିତ କରିବା ପରେ ୨୦୧୩ରେ ଢେଙ୍କାନାଳ ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ମାଓ କ୍ୟାମ୍ପରେ ଆନୁସଙ୍ଗିକ ଅବ୍ୟବସ୍ଥା ସହିତ ପୋଲିସର ଭୟ ଯୋଗୁ ସେ ମାଓକ୍ୟାମ୍ପ ଛାଡିଥିଲେ। ବର୍ତ୍ତମାନ ସେ ସମାଜର ମଖ୍ୟସ୍ରୋତରେ ସାମିଲ ହୋଇ ଜଣେ ସାମାଜିକ କର୍ମୀ ଭାବେ ଜୀବନ ବିତାଉଛନ୍ତି। ସେ ଗ୍ରାମରେ ନିଜର ସ୍ୱାମୀ ଓ ଦୁଇ ପିଲାଙ୍କ ସହ ରହୁଥିବା ଜଣାପଡିଛି।



ସମ୍ବାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୨୩ ଯାଏ କୋର୍ଟ ବର୍ଜନ ନିଷ୍ପତ୍ତି

ଢେଙ୍କାନାଳ ଅଫିସ,୧୬।୮

ଢେଙ୍କାନାଳ ଜିଲା ଓକିଲ ସଂଘର ୨ଜଣ ସଦସ୍ୟଙ୍କ ନାମରେ ଟାଉନଥାନା ଅଧିକାରୀ ମିଥ୍ୟା ମାମଲା ରୁଜୁ କରିବା ଘଟଣାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି । ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଜିଲା ଓକିଲ ସଂଘର ଏକ ସାଧାରଣ ବୈଠକ ବସି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ଆଇନଜୀବୀ ତାଙ୍କ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା। ଟାଉନ ଥାନା ଅଧିକାରୀଙ୍କ ନାମରେ ଅଦାଲତରେ ପଞ୍ଜୀକୃତ ହୋଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ୧ସିସି କେସ୍ ନଂ-୧୦୫।୨୧ରେ କୌଣସି ଆଇନଜୀବୀ ତାଙ୍କ ସମ୍ପର୍କରେ ଓକାଲତନାମା ଫାଇଲ କରିବେ ନାହିଁ। ଆସନ୍ତା ୨୦ ତାରିଖରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନର କାର୍ଯ୍ୟକାରୀ ସଦସ୍ୟଙ୍କ ଏକ ବୈଠକ ଭୁବନେଶ୍ୱର ବାର ଆସୋସିଏଶନ ହଲରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏଥିରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ପ୍ରାରମ୍ଭରେ ଆଇନଜୀବୀମାନେ ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ। ଆଗାମୀ ଦିନରେ ଯଦି ଏସ୍‌ପି ଜିଲା ଓକିଲ ସଂଘର ଦାବିକୁ ତୁରନ୍ତ ଗ୍ରହଣ କରି ପଦକ୍ଷେପ ନ ନିଅନ୍ତି, ଜିଲା ସହିତ ଏସ୍‌ପିଙ୍କ କାର୍ଯ୍ୟାଳୟ ଅଚଳ କରିବା ପାଇଁ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ। ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସରୋଜ କୁମାର ପାଢୀ, ସମ୍ପାଦକ ଟଙ୍କଧର ବେହେରା, ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, କାର୍ଯ୍ୟକାରୀ ସଦସ୍ୟ ପୁଷ୍ପକ ତ୍ରିପାଠୀ ଓ ଚିତ୍ତରଞ୍ଜନ ବେହେରାଙ୍କ ସମେତ ପୂର୍ବତନ ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ଓମ୍ ପ୍ରକାଶ ଶରଣ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶତପଥୀ, ପତିତପାବନ ମିଶ୍ର, ସୁବାସିନୀ ମହାକୁଡ ଓ ସୁଧାଂଶୁ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଢେଙ୍କାନାଳ ଓକିଲ ସଂଘ ସଭାପତି ଓ ଅନ୍ୟ ଜଣେ ସଦସ୍ୟଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲାର ପ୍ରତିବାଦ କରି ବାଲେଶ୍ୱର, ସୋର, ଅନୁଗୋଳ ଏବଂ ବହୁ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଓକିଲ ସଂଘ ସାଧାରଣ ବୈଠକରେ ଆଲୋଚନା କରାଯାଉଛି।

**ଆଇନଜୀବୀଙ୍କ ନାମରେ ମିଥ୍ୟା ମାମଲା ଘଟଣା**

- ୨୦ରେ ଭୁବନେଶ୍ୱରରେ ବୈଠକ
- ଏସ୍‌ପିଙ୍କ କାର୍ଯ୍ୟକୁ ନିନ୍ଦା

